ସର୍ବସାଧାରଣ
sarbasadharana

17th Aug, 2020

## ୭୪ତମ ସ୍ୱାଧୀନତା ଦିବସ ପାଳିତ

# ଖୋର୍ଦ୍ଧା ବୀରତ୍ୱ ଓ ସ୍ୱାଭିମାନର ମାଟି







ଖୋର୍ଦ୍ଧା (ଆପ୍ର): ଖୋର୍ଦ୍ଧା ଜିଲ୍ଲା ସଦରମହକୁମାରେ ୭୪ତମ ସ୍ୱାଧୀନତା ଦିବସ ପାଳିତ ହୋଇଛି। ଏହି ସମାରୋହରେ ମୁଖ୍ୟଅତିଥି ଭାବେ ଶକ୍ତି, ଶିଳ୍ପ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ଏବଂ ଗୃହ ମନ୍ତ୍ରୀ କ୍ୟାପ୍ଟେନ୍ ଦିବ୍ୟଶଙ୍କର ମିଶ୍ର ଯୋଗଦେଇ ଟିଜେବି ହାଇସ୍କୁଲ ଖେଳପଡ଼ିଆଠାରେ ପତାକା ଉତ୍ତୋଳନ କରିଥିଲେ। ଖୋର୍ଦ୍ଧା ମାଟି ବୀରତ୍ୱ ଓ ସ୍ୱାଭିମାନର ମାଟି ବୋଲି ମୁଖ୍ୟଅତିଥି ଶ୍ରୀ ମିଶ୍ର ମତପ୍ରକାଶ କରିଥିଲେ। ସମାରୋହରେ ଜିଲ୍ଲାପାଳ ସନତ କୁମାର ମହାନ୍ତି, ସ୍ଥାନୀୟ ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ରଙ୍କ ସମେତ ପୁଲିସ ଅଧିକାରୀ, ବିଭିନ୍ନ ଅଧିକାରୀ ଓ ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ।

**ନୂଆଗାଁ:** ନୂଆଗାଁ ବ୍ଲକ ହାଇସ୍କୁଲ ଖେଳପଡ଼ିଆରେ ୭୪ତମ ସ୍ୱାଧୀନତା ଦିବସ ପାଳିତ ହୋଇଛି। ବ୍ଲକ ପରିସରରେ ବିଡିଓ ପ୍ରମୋଦ କୁମାର ଦଳବେହେରା ପତାକା ଉତ୍ତୋଳନ କରିଥିଲେ। ନୂଆଗାଁ ହାଇସ୍କୁଲ ଖେଳପଡ଼ିଆ ଠାରେ ବ୍ଲକସ୍ତରୀୟ କାର୍ଯ୍ୟକ୍ରମରେ ସ୍କୁଲର ଶିକ୍ଷକ, ଶିକ୍ଷୟିତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ଭାବେ ନୂଆଗାଁ ବ୍ଲକ ଅଧ୍ୟକ୍ଷ ଅନ୍ତର୍ଯାମୀ ସ୍ୱାଇଁ ଯୋଗଦେଇ ପତାକା ଉତ୍ତୋଳନ କରିବା ସହିତ ସ୍ୱାଧୀନତା ପାଇଁ ସହିଦ୍ ହୋଇଥିବା ମହାନ୍ ପୁରୁଷ ଉଦ୍ଦେଶ୍ୟ ସମ୍ପର୍କରେ ବର୍ଣ୍ଣନା କରିଥିଲେ।

**ବୋଲଗଡ଼ :** ବୋଲଗଡ଼ ବ୍ଲକ, ସଦରମହକୁମା ଠାରେ ୭୪ତମ ସ୍ୱାଧୀନତା ଦିବସ ସ୍ଥାନୀୟ ବାମନ ଉଚ୍ଚବିଦ୍ୟାଳୟସ୍ଥିତ ମିନିଷ୍ଟାଡିୟମ ପ୍ରାଙ୍ଗଣରେ ସ୍ଥାନୀୟ ବିଧାୟକ ରାଜେନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ବୋଲଗଡ଼ସ୍ଥିତ ସରସ୍ୱତୀ ଶିଶୁମନ୍ଦିର ପରିସରରେ ଜାତୀୟ ପତାକା ଉତ୍ତୋଳନ କରି ଦେଶର ଦୁଇଜଣ ଅର୍ଦ୍ଧସାମରିକ ବାହିନୀରେ କାର୍ଯ୍ୟରତ ସୈନିକ ଅମିୟ ରଞ୍ଜନ ଦାସ, ମାନସ କୁମାର ସିଂହ ଓ ଜଣେ ଅବସରପ୍ରାପ୍ତ ସାମରିକ ବାହିନୀର ସୈନିକ ଧନୁର୍ଜୟ ମାଝିଙ୍କୁ ଉତରୀୟ ଓ ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

**ନିରାକାରପୁର:** ଖୋର୍ଦ୍ଧା ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ୭୪ତମ ସ୍ୱାଧୀନତା ଦିବସ ନିଆଡ଼ମ୍ବର ଭାବେ ପାଳିତ ହୋଇଯାଇଛି। ନିରାକାରପୁର କ୍ଷେତ୍ରବାସୀ ଡ଼ିଏଭି ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଅଶୋକ କୁମାର ବଡ଼ବଡ଼ରାୟ କଲେଜଛକସ୍ଥିତ ନେତାଜୀ ସୁଭାଷ ବୋଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପରେ ମହାବିଦ୍ୟାଳୟ ପରିସରରେ ପତାକା ଉତ୍ତୋଳନ କରିଥିଲେ। ସେହିପରି କମାସୁରୁ କଲେଜ, ଥାନା ଓ ପଞ୍ଚାୟତରେ ମଧ୍ୟ ସ୍ୱାଧୀନତା ଦିବସ ପାଳିତ ହୋଇଛି।

**କଟଣୀ:** କଟଣୀର ବିଭିନ୍ନ ସ୍ଥାନରେ ୭୪ତମ ସ୍ୱାଧୀନତା ଦିବସ ପାଳିତ ହୋଇଛି। ଖୋର୍ଦ୍ଧାରୋଡ ରେଳମଣ୍ଡଳ ପକ୍ଷରୁ ରେଳପ୍ରବନ୍ଧକ ଶଶିକାନ୍ତ ସିଂଙ୍କ ଆତିଥ୍ୟରେ ରେଳପଥ ଷ୍ଟାଡିୟମ ପରିସରରେ ସ୍ୱାଧୀନତା ଦିବସ ପାଳିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ରେଳପ୍ରବନ୍ଧକ ଶ୍ରୀ ସିଂ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ସେହିପରି ଆଇଆଇଟି ଭୁବନେଶ୍ୱରର ଅରଗୁଲ କ୍ୟାମ୍ପସ, ନାଇକର କେନ୍ଦ୍ରୀୟ ଶିକ୍ଷାନୁଷ୍ଠାନରେ ୭୪ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି।